# NATIONAL NEWS BULLETIN (ODIA)
## 25 October - 2025
## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ୨୨ତମ ଏସିଆନ ଭାରତ ସମ୍ମିଳନୀକୁ ଆଭାସୀ ମାଧ୍ୟମରେ ଆସନ୍ତାକାଲି ସମ୍ବୋଧନ କରିବେ ପ୍ରଧାନମନ୍ତ୍ରୀ
- ବିହାର ବିଧାନସଭା ନିର୍ବାଚନ ପାଇଁ ବିଭିନ୍ନ ସ୍ଥାନରେ ପ୍ରଚାର କଲେ ବରିଷ୍ଠ ବିଜେପି ନେତା ଅମିତ ଶାହା
- ରାଜସ୍ଥାନର ଜୈସାଲମେରରେ ଅନୁଷ୍ଠିତ ସେନା କମାଣ୍ଡର ସମ୍ମିଳନୀରେ ଯୋଗଦେଇ ଡିଜିଟାଲ ଓ କଲ୍ୟାଣକାରୀ ଯୋଜନାର ଶୁଭାରମ୍ଭ କଲେ ପ୍ରତିରକ୍ଷା ମନ୍ତ୍ରୀ
- ଆସନ୍ତା ଦୁଇ ବର୍ଷ ମଧ୍ୟରେ ସ୍ୱଦେଶୀ ଜ୍ଞାନକୌଶଳରେ ମୋବାଇଲ ଫୋନ୍ ଯନ୍ତ୍ରାଂଶର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବ ଭାରତ; କହିଲେ ବିଭାଗୀୟ ମନ୍ତ୍ରୀ

ଏବଂ

- ସିଡ୍‌ନୀ ଦିନିକିଆ ତୃତୀୟ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ୯ ଓ୍ୱିକେଟ୍‌ରେ ପରାସ୍ତ କଲା ଭାରତ

# ପିଏମ୍-ଏସିଆ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତକାଲି ୨୨ତମ ଏସିଆନ୍ – ଭାରତ ସମ୍ମିଳନୀରେ ଆଭାସି ମାଧ୍ୟମରେ ଯୋଗଦେବେ । ମାଲେସିଆର ପ୍ରଧାନମନ୍ତ୍ରୀ ଅନୱାର୍ ଇବ୍ରାହିମ୍‌ଙ୍କ ନିମନ୍ତ୍ରଣ କ୍ରମେ ଶ୍ରୀ ମୋଦୀ ଏହି କାର୍ଯ୍ୟକ୍ରମରେ ଯୋଗଦେବେ । ପ୍ରଧାନମନ୍ତ୍ରୀ ମଧ୍ୟ ଏହି ସମ୍ମିଳନୀର ସଫଳତା ପାଇଁ ତାଙ୍କୁ ଶୁଭେଚ୍ଛାବାର୍ତ୍ତା ପଠାଇଛନ୍ତି । ଆସିଆନ୍-ଭାରତ ରଣନୈତିକ ଭାଗିଦାରୀତା ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଲାଗି ଦ୍ୱିପକ୍ଷିକ ପ୍ରତିବଦ୍ଧତାକୁ ମଧ୍ୟ ଶ୍ରୀ ମୋଦୀ ସୁନିଶ୍ଚିତ କରିଛନ୍ତି ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଏସୀୟ ନେତାମାନେ ମିଳିତ ଭାବେ ଆସିଆନ୍-ଭାରତ ସମ୍ମିଳନୀର ବିକାଶ ସମ୍ପର୍କରେ ସମୀକ୍ଷା କରିବା ସହିତ ବ୍ୟାପକ ରଣନୈତିକ ଭାଗିଦାରୀ ସମ୍ପର୍କକୁ ସୁଦୃଢ଼ କରିବା ଲାଗି ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା କରିବେ ।

# ବିହାର କ୍ୟାମ୍ପେନ୍

ବିହାର ବିଧାନସଭାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଏନ୍‌ଡିଏ ଏବଂ ମହାଗଠବନ୍ଧନର ବରିଷ୍ଠ ନେତାମାନେ ବିଭିନ୍ନ ସ୍ଥାନରେ ପ୍ରଚାର କରୁଛନ୍ତି । ବରିଷ୍ଠ ବିଜେପି ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଖଗାରିଆଠାରେ

ଏକ ନିର୍ବାଚନୀ ରାଲିକୁ ସମ୍ବୋଧିତ କରିଛନ୍ତି। ପରେ ମୁଙ୍ଗେର ଏବଂ ନାଳନ୍ଦା ଜିଲ୍ଲାରେ ଶ୍ରୀ ଶାହା ଅନ୍ୟ ୨ଟି ଜନସମାବେଶରେ ସମ୍ବୋଧିତ କରିଛନ୍ତି। ଅନ୍ୟପକ୍ଷରେ ଖଗାରିଆଠାରେ ଆର୍‌ଜେଡି ନେତା ତେଜସ୍ୱୀ ପ୍ରସାଦ ଯାଦବଙ୍କ ଅନୁଷ୍ଠିତ ହେବାକୁ ଥିବା ଏକ ଜନସଭାକୁ ସ୍ଥଗିତ ରଖାଯାଇଛି। ପାଟନାରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା କରି ଶ୍ରୀ ଯାଦବ ଭାରତୀୟ ଜନତା ପାର୍ଟି  ନକାରାତ୍ମକ ରାଜନୀତି କରୁଥିବାର ଅଭିଯୋଗ କରିଛନ୍ତି।  ସେହିପରି ଜନ ସୁରାଜ ପାର୍ଟି ପ୍ରତିଷ୍ଠାତା ପ୍ରଶାନ୍ତ କିଶୋର  ମଧ୍ୟ ଏନ୍‌ଡିଏ ସରକାରଙ୍କୁ ସମାଲୋଚନା କରିଛନ୍ତି।

## ରାଜନାଥ-କମାଣ୍ଡର୍ସ କନଫରେନ୍ସ

ରାଜସ୍ଥାନର ଜୈସାଲମେରରେ ଅନୁଷ୍ଠିତ ସେନା କମାଣ୍ଡର ସମ୍ମିଳନୀ– ଏସ.ସି.ସି'ରେ ଯୋଗଦେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଅନେକ ଗୁରୁତ୍ୱପୂର୍ଣ୍ଣ ଡିଜିଟାଲ ଏବଂ କଲ୍ୟାଣକାରୀ ଯୋଜନାର ଶୁଭାରମ୍ଭ କରିଛନ୍ତି। ସେନାର ଡିଜିଟାଲ ଭିତ୍ତିଭୂମିକୁ ସୁଦୃଢ଼ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ କୋଣାର୍କ ଏବଂ ଫାୟାର ଆଣ୍ଡ ଫ୍ୟୁରି କର୍ପସ ପାଇଁ ଏଜ ଡାଟା ସେଣ୍ଟରକୁ ଲୋକାର୍ପଣ କରିଛନ୍ତି। ଏହି ଡାଟା ସେଣ୍ଟର କ୍ରିୟାଶୀଳ ହେବା ଫଳରେ ଦ୍ରୁତ, ସୁରକ୍ଷିତ ଏବଂ କମ୍ ସମୟରେ ଡାଟା ପ୍ରକ୍ରିୟାକରଣ ସମ୍ଭବ ହୋଇପାରିବ। ପ୍ରତିରକ୍ଷା ମନ୍ତ୍ରୀ ଆଧୁନିକ ଉପକରଣ ସହାୟତା ଲାଇନ–ଇଏଚଏଲ ପୋର୍ଟାଲର ମଧ୍ୟ ଶୁଭାରମ୍ଭ କରିଛନ୍ତି, ଯାହା ସମଗ୍ର ସେନା ବାହିନୀରେ

କୃତ୍ରିମ ବୁଦ୍ଧିମତାକୁ ସକ୍ଷମ କରିବା ସହ ବୈଷୟିକ ସହାୟତା ପ୍ରଦାନ କରିବ। ଏହି ଅବସରରେ ଶ୍ରୀ ସିଂହ' ସୈନିକ ଯାତ୍ରୀ ମିତ୍ର ଆପ୍‌ର ଶୁଭାରମ୍ଭ କରିଛନ୍ତି। ଯେଉଁଥିରେ ୧୨୦୦ରୁ ଅଧିକ ଟ୍ରେନ୍‌ରେ ଡିଫେନ୍ସ ଡ୍ୟୁଟି କୋଟା  ସିଟ୍‌ଗୁଡ଼ିକୁ ଡିଜିଟାଲ ମାଧ୍ୟମରେ ବିନିଯୋଗ କରାଯିବ। ସେନା କର୍ମଚାରୀଙ୍କ ଯାତ୍ରାକୁ ସୁଗମ କରିବା ପାଇଁ ଏ ବ୍ୟବସ୍ଥା ଆରମ୍ଭ କରାଯାଇଛି ବୋଲି ଭାରତୀୟ ସେନାର ଅତିରିକ୍ତ ଜନ ସୂଚନା ମହାନିର୍ଦ୍ଦେଶାଳୟ ପକ୍ଷରୁ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କୁହାଯାଇଛି। ଏହି ବ୍ୟବସ୍ଥା ଆରମ୍ଭ ହେବା ଫଳରେ ସେନା କର୍ମଚାରୀଙ୍କ ପରିଚାଳନା ଦକ୍ଷତା ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।

# ଜିତେନ୍ଦ୍ର-ୟୁସିଏମ୍‌ଏସ୍ କନଭେନସନ୍

ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ସ୍ୱାସ୍ଥ୍ୟଯତ୍ନ ଗବେଷଣା କ୍ଷେତ୍ରରେ ବିଶ୍ୱସ୍ତରୀୟ ଉପଲବ୍ଧତା ହାସଲ କରିବା ପାଇଁ ଘରୋଇ ସ୍ୱାସ୍ଥ୍ୟସେବା ସଂସ୍ଥାଗୁଡ଼ିକର  ଯୋଗଦାନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ନୂଆଦିଲ୍ଲୀସ୍ଥିତ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ୟୁନିଭରସିଟି କଲେଜ ଅଫ୍ ମେଡିକାଲ ସାଇନ୍ସ–ୟୁ.ସି.ଏମ୍.ଏସ୍'ର ୫୪ତମ ପ୍ରତିଷ୍ଠା ଦିବସ ଏବଂ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ଏହା କହିଛନ୍ତି। ଡକ୍ଟର ସିଂହ ଶିକ୍ଷାଦାନ, ଗବେଷଣା ଏବଂ ଶିଳ୍ପ ମଧ୍ୟରେ ସମନ୍ୱୟ ରକ୍ଷା କରି ଏ ଦିଗରେ ଅଗ୍ରସର ହେବାକୁ ଆହ୍ୱାନ କରିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ମହାକାଶ, ପରମାଣୁ ଏବଂ ଜୈବ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଘରୋଇ କ୍ଷେତ୍ର ପାଇଁ ସୁଯୋଗ ପ୍ରଦାନ କରି ସରକାରୀ ଏବଂ ଘରୋଇ କ୍ଷେତ୍ର ମଧ୍ୟରେ ବ୍ୟବଧାନକୁ ଦୂର କରିବାରେ ଏହା ସହାୟକ ହେବ ବୋଲି ସେ କହିଛନ୍ତି। ଦେଶରେ ଦଶ ବର୍ଷ ପୂର୍ବେ ଭେଷଜ ବିଜ୍ଞାନ କ୍ଷେତ୍ରରେ ୪୫ ହଜାର ଏମ୍‌ବିବିଏସ୍ ଆସନ ଥିବାବେଳେ ବର୍ତ୍ତମାନ ଏହା ୧ ଲକ୍ଷ ୫୦ ହଜାରକୁ ବୃଦ୍ଧି ପାଇଛି। ସରକାର ଡାକ୍ତରୀ ଶିକ୍ଷା ବ୍ୟବସ୍ଥାର ଉନ୍ନତିକରଣ କରିବା ସହ ଏ କ୍ଷେତ୍ରରେ ମହିଳା ଡାକ୍ତରମାନଙ୍କୁ ଯୋଗଦାନ କରିବାକୁ ପଥ ଉନ୍ମୁକ୍ତ କରିଛନ୍ତି। ଆୟୁଷ୍ମାନ ଭାରତ ଏବଂ ଜନ ଔଷଧି କେନ୍ଦ୍ର ଭଳି ପରିବର୍ତ୍ତନକାରୀ ପଦକ୍ଷେପ ଯୋଗୁଁ ଦେଶର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସୁଲଭ, ସୁଗମ କରାଯାଇପାରିଛି ବୋଲି ସେ କହିଛନ୍ତି।

ଡକ୍ଟର ସିଂହ ଏମ୍‌ବିବିଏସ୍ ଛାତ୍ରଛାତ୍ରୀମାନଙ୍କୁ ୨୦୪୭ ମସିହା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାରେ ସହାୟକ ହେବାକୁ ଆହ୍ୱାନ କରିଛନ୍ତି। କେନ୍ଦ୍ର ମନ୍ତ୍ରୀ ପ୍ରଥମ ସ୍ୱଦେଶୀ ଜିନ୍-ଥେରାପି, ସ୍ୱଦେଶୀ ଆଣ୍ଟିବାୟୋଟିକ୍ ଶ୍ୱାସକ୍ରିୟା ସଂକ୍ରମଣ ବିରୁଦ୍ଧରେ ପ୍ରଭାବଶାଳୀ ପ୍ରଣାଳୀ ଏବଂ ଡେଙ୍ଗୁ ଓ ମ୍ୟାଲେରିଆର ନିୟନ୍ତ୍ରଣ ପାଇଁ ନୂତନ ଟୀକା ପ୍ରସ୍ତୁତି କ୍ଷେତ୍ରରେ ଆଲୋକପାତ କରିଥିଲେ। ଏହି ଅବସରରେ ଡାକ୍ତରୀ ଛାତ୍ରଛାତ୍ରୀମାନଙ୍କୁ ଡକ୍ଟର ସିଂହ ପଦକ ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ୫୪ ବର୍ଷର ଯାତ୍ରା ସମ୍ବନ୍ଧିତ ଏକ ସ୍ମାରକୀ ପୁସ୍ତକର ଉନ୍ମୋଚନ କରାଯାଇଥିଲା ।

# ଅଶ୍ୱିନୀ-ଆଇଟି

ଇଲେକ୍ଟ୍ରୋନିକ୍ସ, ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଆସନ୍ତା ଦୁଇ ବର୍ଷ ମଧ୍ୟରେ ଭାରତ ସ୍ୱଦେଶୀ ଜ୍ଞାନକୌଶଳ ବ୍ୟବହାର କରି ମୋବାଇଲ୍ ଫୋନ୍ ଯନ୍ତ୍ରାଂଶର ନିର୍ମାଣ କାର୍ଯ୍ୟ ଆରମ୍ଭ କରି ଆତ୍ମନିର୍ଭରଶୀଳ ହୋଇପାରିବ । ଦେଶରେ ସିସିଟିଭି ସମେତ ବିଭିନ୍ନ ଆପ୍ଲିକେସନ୍ ପାଇଁ ଚିପସେଟ୍ ମଧ୍ୟ ବିକଶିତ କରାଯାଉଛି । ଆଜି ନୂଆଦିଲ୍ଲୀରେ ସାମ୍ବାଦିକମାନଙ୍କୁ ସୂଚନା ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, ସର୍ଭର ସମେତ ଉଚ୍ଚ-କାର୍ଯ୍ୟଦକ୍ଷତା କମ୍ପ୍ୟୁଟିଂ ପାଇଁ ଶକ୍ତି ଦକ୍ଷ ମାଇକ୍ରୋ-ପ୍ରୋସେସ୍‌ର ବିକଶିତ କରିବା ପାଇଁ ସରକାର ୨୦୦ କୋଟି ଅଧିକ ଅର୍ଥ ବିନିଯୋଗ କରିବେ । ଏ ପର୍ଯ୍ୟନ୍ତ ୧୨ ଲକ୍ଷରୁ ଅଧିକ ସରକାରୀ କର୍ମଚାରୀ ଜୋହୋ ସ୍ୱଦେଶୀ ଡିଜିଟାଲ କମ୍ପାନୀରେ ସାମିଲ ହୋଇଛନ୍ତି । ମନ୍ତ୍ରୀ କହିଛନ୍ତି, ଭିଡ଼ିଓ ଏବଂ ଅନଲାଇନ୍ ବିଷୟବସ୍ତୁର ସତ୍ୟତା ଯାଞ୍ଚ କରିବା ପାଇଁ ଏକ ଚାଟବଟ୍  ବିକଶିତ କରାଯାଉଛି, ଯାହା ନକଲି ବିଷୟବସ୍ତୁର ବ୍ୟବହାରକୁ ରୋକିପାରିବ ।

# ଅଶ୍ୱିନୀ-ଟ୍ରେନ୍

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ପର୍ବପର୍ବାଣୀ ସମୟରେ ଏ ପର୍ଯ୍ୟନ୍ତ ପ୍ରାୟ ୧ କୋଟି ୫୦ ଲକ୍ଷ ଯାତ୍ରୀ ରେଳ ଯାତ୍ରା କରିଛନ୍ତି। ସେ କହିଛନ୍ତି, ପର୍ବପର୍ବାଣୀ ଋତୁ ଶେଷ ସୁଦ୍ଧା ୨ କୋଟି ୫୦ ଲକ୍ଷରୁ ଅଧିକ ଯାତ୍ରୀ ରେଳରେ ଯାତ୍ରା କରିବାର ଅନୁମାନ କରାଯାଉଛି। ନୂଆଦିଲ୍ଲୀରେ ସାମ୍ବାଦିକମାନଙ୍କ ସହ ଆଲୋଚନା କରି ଶ୍ରୀ ବୈଷ୍ଣବ କହିଛନ୍ତି, ସୁଗମ ଭିଡ଼ ପରିଚାଳନା ପାଇଁ ୩୦ଟି ଷ୍ଟେସନରେ ବିସ୍ତୀର୍ଣ୍ଣ ରହଣି ସ୍ଥାନର ବ୍ୟବସ୍ଥା କରାଯାଇଛି।

ପୂର୍ବ ସରକାରଙ୍କ କାର୍ଯ୍ୟକାଳରେ ସ୍ୱତନ୍ତ୍ର ଟ୍ରେନ୍ ପରିଚାଳନା ବିଷୟରେ ଆଲୋଚନା କରି କେନ୍ଦ୍ରମନ୍ତ୍ରୀ କହିଛନ୍ତି, ପୂର୍ବତନ ରେଳମନ୍ତ୍ରୀ ଲାଲୁ ପ୍ରସାଦଙ୍କ କାର୍ଯ୍ୟକାଳରେ ଦୀପାବଳି ଏବଂ ଛଠ ପର୍ବ ସମୟରେ ୧୭୮ଟି ସ୍ୱତନ୍ତ୍ର ଟ୍ରେନ୍ ଚାଲିଥିଲା। ଯାହାର ସଂଖ୍ୟା ଏବେ ୧୩ ହଜାରରୁ ଅଧିକ ହୋଇଛି। ଶ୍ରୀ ବୈଷ୍ଣବ କହିଛନ୍ତି, ରେଳପଥର ସୁରକ୍ଷା ବୃଦ୍ଧି ପାଇବା ସହ ଦୁର୍ଘଟଣା ସଂଖ୍ୟା ୨୦୧୪ରେ ୧୭୦ରୁ ହ୍ରାସ ପାଇ ୨୦୨୪-୨୫ ବର୍ଷରେ ମାତ୍ର ୩୧ରେ ରହିଛି। ରେଳ ଟ୍ରାକ୍ ନିର୍ମାଣ କାର୍ଯ୍ୟ ପ୍ରତିବର୍ଷ ୪୦୦-୬୦୦ କିଲୋମିଟର କରାଯାଉଥିବା ବେଳେ ଏହା ବୃଦ୍ଧି ପାଇ ୪ ହଜାର କିଲୋମିଟରରେ ପହଁଞ୍ଚିଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି। ରେଳ ମନ୍ତ୍ରଣାଳୟର ଲକ୍ଷ୍ୟ ହେଉଛି ଦୁର୍ଘଟଣା ସଂଖ୍ୟା ହ୍ରାସ

କରିବା ସହ ଯାତ୍ରୀମାନଙ୍କ ପାଇଁ ସୁରକ୍ଷିତ ଯାତ୍ରା ବ୍ୟବସ୍ଥା ସୃଷ୍ଟି କରିବା ବୋଲି ସେ କହିଛନ୍ତି ।

## ଜିଏସ୍‌ଟି ରିଫର୍ମ- ଫୁଟ୍‌ୱେୟାର

ସମଗ୍ର ଦେଶରେ ଗତ ସେପ୍ଟେମ୍ବର ୨୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ଜିଏସ୍‌ଟି ସଞ୍ଚୟ ଉତ୍ସବ ଅବସରରେ ବିଭିନ୍ନ ସାମଗ୍ରୀ ଉପରୁ ଜିଏସ୍‌ଟି ହ୍ରାସ କରି ସାଧାରଣ ନାଗରିକମାନଙ୍କୁ ଲାଭାନ୍ୱିତ କରିଆସୁଛନ୍ତି । ଏ କ୍ଷେତ୍ରରେ ଆଜି ଆସନ୍ତୁ ଶୁଣିବା ସରକାର ଜୋତା ଶିଳ୍ପକ୍ଷେତ୍ରରେ ଜିଏସ୍‌ଟି ହ୍ରାସ କରିବା ଫଳରେ ସାଧାରଣ ଲୋକମାନେ ଉପକୃତ ହୋଇଛନ୍ତି ।

ପରବର୍ତ୍ତୀ ପିଢ଼ିର ଜିଏସ୍‌ଟି ସଂସ୍କାର ପଦକ୍ଷେପ ସ୍ୱରୂପ ଚମଡ଼ା ଏବଂ ଜୋତା ଶିଳ୍ପ କ୍ଷେତ୍ରରେ ସରକାର ୧୨ ପ୍ରତିଶତରୁ ୫ ପ୍ରତିଶତକୁ ଜିଏସ୍‌ଟି ହ୍ରାସ କରିବା ଫଳରେ ସାଧାରଣ ଲୋକମାନେ ଉପ୍ତୃତ ହୋଇଛନ୍ତି । ବିଭିନ୍ନ କିସମର ଜୋତାରେ ଦର ହ୍ରାସ ହେବା ଦ୍ୱାରା ସାଧାରଣ ଲୋକମାନେ ନିଜ ପସନ୍ଦ ମୁତାବକ ଜୋତା ଏବଂ ଚମଡ଼ା ସାମଗ୍ରୀ କିଣି ଉପକୃତ ହୋଇପାରୁଛନ୍ତି ।

## ସତୀଶ ସାହା- ପାସେସ୍ ଏୱେ

ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ସତୀଶ ଶାହାଙ୍କର ଆଜି ୭୪ ବର୍ଷରେ ପରଲୋକ ହୋଇଛି । ଚଳଚ୍ଚିତ୍ର ଏବଂ ଟେଲିଭିଜନ କଳାକାର ସଂଘ– ସିଣ୍ଟା ପକ୍ଷରୁ କୁହାଯାଇଛି, ସ୍ୱର୍ଗତ ଶାହା କିଡନୀ ରୋଗରେ ପୀଡ଼ିତ ଥିଲେ । ମୁମ୍ବାଇ ସ୍ଥିତ ହିନ୍ଦୁଜା ଡାକ୍ତରଖାନାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ବୋଲି ଜଣାପଡ଼ିଛି । ତାଙ୍କର ଅନ୍ତିମ ସଂସ୍କାର ଆସନ୍ତାକାଲି କରାଯିବ ।

ଥିଏଟର, ଚଳଚ୍ଚିତ୍ର ଏବଂ ଟେଲିଭିଜନରେ କାର୍ଯ୍ୟ କରିବା ସହ ସତୀଶ ବିଭିନ୍ନ ହିନ୍ଦୀ ଚଳଚ୍ଚିତ୍ରରେ ସହାୟକ ଚରିତ୍ର ଭାବେ ଅଭିନୟ କରିଥିଲେ । ପରେ ହିନ୍ଦୀ ଚଳଚ୍ଚିତ୍ର ଶକ୍ତି, ହମ୍ ଆପକେ ହେଁ କୌନ୍, ହମ୍ ସାଥ୍ ସାଥ୍ ହେଁ, ମେ ହୁଁ ନା, ଓମ୍ ଶାନ୍ତି ଓମ୍ ପ୍ରମୁଖ ଚଳଚ୍ଚିତ୍ରରେ ନିଖୁଣ ଅଭିନୟ କରି ସେ ଦର୍ଶକମାନଙ୍କ ମନ ଜିତିଥିଲେ ।

# ମେନ୍ସ କ୍ରିକେଟ

ସିଡ୍‌ନୀଠାରେ ଅନୁଷ୍ଠିତ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ ସିରିଜ୍‌ର ତୃତୀୟ ତଥା ଅନ୍ତିମ ମ୍ୟାଚ୍‌ରେ ଭାରତ' ଅଷ୍ଟ୍ରେଲିଆକୁ ୯ ୱିକେଟ୍‌ରେ ପରାସ୍ତ କରିଛି । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ' ଭାରତ ସମ୍ମୁଖରେ ୨୩୭ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା । ରୋହିତ ଶର୍ମାଙ୍କ ୩୩ତମ ଚିତ୍ତାକର୍ଷକ ଶତକ ଏବଂ ବିରାଟ କୋହଲିଙ୍କ ଅର୍ଦ୍ଧଶତକ ବଳରେ ଭାରତ ୨୩୭ ରନ୍‌ର ବିଜୟ ଲକ୍ଷ୍ୟକୁ ସହଜରେ ହାସଲ କରିପାରିଥିଲା । ତେବେ ପୂର୍ବରୁ ଅଷ୍ଟ୍ରେଲିଆ ପ୍ରଥମ ଦୁଇଟି ମ୍ୟାଚ୍‌ରେ ବିଜୟ ହାସଲ କରି

୨-୧ରେ ଏହି ସିରିଜ୍ ବିଜୟୀ ହୋଇଛି। ଅଷ୍ଟ୍ରେଲିଆ ପକ୍ଷରୁ ମ୍ୟାଟ୍ ରେନ୍‌ସ ସର୍ବାଧିକ ୫୬ ରନ୍ କରିଥିବାବେଳେ ମିଚେଲ ମାର୍ସ ୪୧, ମାଥ୍ୟୁ ସର୍ଟ ୩୦ ରନ୍ କରିଥିଲେ। ଭାରତୀୟ ବୋଲର ହର୍ଷିତ ରାଣା ୪ ୱିକେଟ୍ ହାସଲ କରିଥିବା ବେଳେ ୱାଶିଂଟନ ସୁନ୍ଦର ଦୁଇଟି ୱିକେଟ୍ ନେଇଥିଲେ।